# NATIONAL NEWS BULLETIN (ODIA)

**19 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ୫ଟି ରାଜ୍ୟକୁ ୧ ହଜାର ୫୫୫ କୋଟି ଟଙ୍କାର ଅତିରିକ୍ତ ସହାୟତାକୁ କେନ୍ଦ୍ରର ମଂଜୁରୀ

- ସ୍ୱରାଜ ଗଠନ, ବୀରତ୍ୱ ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ଶିବାଜୀଙ୍କର ଦୂରଦୃଷ୍ଟି ଥିଲା ଅନନ୍ୟ, କହିଲେ ପ୍ରଧାନମନ୍ତ୍ରୀ

– ପୁଣେଠାରେ ଅନୁଷ୍ଠିତ ପଦଯାତ୍ରାରେ ଯୋଗଦେଲେ କେନ୍ଦ୍ର ଯୁବ ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ

- ମୁଖ୍ୟନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କଲେ ଜ୍ଞାନେଶ କୁମାର

- ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ଲାଗି ଆଜି ସନ୍ଧ୍ୟାରେ ବିଜେପି ବିଧାୟକ ଦଳ ବୈଠକ

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ; ଉଦ୍‌ଘାଟନୀ ମ୍ୟାଚ୍‌ରେ କରାଚିଠାରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ୍ ମଧ୍ୟରେ ହେବ ମୁକାବିଲା ।

---

**ଶାହା- ରିଲିଫ୍**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ କମିଟି ଗତ ୧ ବର୍ଷ ମଧ୍ୟରେ ବନ୍ୟା, ଭୂସ୍ଖଳନ, ଘୂର୍ଣ୍ଣିଝଡ଼ ଯୋଗୁଁ ପ୍ରଭାବିତ ୫ଟି ରାଜ୍ୟକୁ କେନ୍ଦ୍ରୀୟ ବିପର୍ଯ୍ୟୟ ମୁକାବିଲା ପ୍ରଶମନ ପାଣ୍ଠି- ଏନ୍‌ଡିଆରଏଫ୍‌ରୁ ୧ ହଜାର ୫୫୫ କୋଟି ଟଙ୍କାରୁ ଅଧିକ ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପାଇଁ ୬୦୮ କୋଟି, ନାଗାଲ୍ୟାଣ୍ଡ ପାଇଁ ୧୭୦ କୋଟିରୁ ଅଧିକ, ଓଡ଼ିଶା ସକାଶେ ୨୫୫ କୋଟି, ତେଲଙ୍ଗାନା ନିମନ୍ତେ ୨୩୧ କୋଟି ଏବଂ ତ୍ରିପୁରା ଲାଗି ୨୮୮ କୋଟିରୁ ଅଧିକ ଟଙ୍କାର ସହାୟତାକୁ ଅନୁମୋଦନ ମିଳିଛି । କେନ୍ଦ୍ର ଦ୍ୱାରା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି –ଏସ୍‌ଡିଆରଏଫ୍ ଅଧୀନରେ ଥିବା ପାଣ୍ଠିଠାରୁ ଏହି ଅତିରିକ୍ତ ଆର୍ଥିକ ସହାୟତା ସଂପୂର୍ଣ୍ଣ ଅଲଗା । ୨୦୨୪-୨୫ ଆର୍ଥିକବର୍ଷରେ କେନ୍ଦ୍ର ସରକାର ୨୭ଟି ରାଜ୍ୟକୁ ୧୮ ହଜାର ୩୨୨ କୋଟି ଟଙ୍କାରୁ ଅଧିକ ଏବଂ ଏନ୍‌ଡିଆରଏଫ୍‌ରୁ ୪ ହଜାର ୮୦୮ କୋଟିରୁ ଅଧିକ ଅର୍ଥ ପ୍ରଦାନ କରିଛନ୍ତି ।

## ପିଏମ୍-ଶିବାଜୀ

ମହାନ୍ ମରାଠା ବୀର ଛତ୍ରପତି ଶିବାଜୀ ମହାରାଜଙ୍କର ଆଜି ୩୯୫ ତମ ଜୟନ୍ତୀ ପାଳନ କରାଯାଉଛି । ମହାରାଷ୍ଟ୍ର ପୁଣେ ଜିଲ୍ଲାର ଶିଭ୍‌ନେରୀ ଫୋର୍ଟ ନିକଟରେ ଜନ୍ମଲାଭ କରିଥିବା ଛାତ୍ରପତି ଶିବାଜୀ ମୋଗଲ ଶାସନକୁ ପ୍ରତିହତ କରି ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ତାଙ୍କର ପ୍ରଗତିଶୀଳ ନେତୃତ୍ୱ, ସାମରିକ ଦକ୍ଷତା, ବୀରତ୍ୱ, ଜ୍ଞାନ ଏବଂ ସ୍ୱରାଜ ଲାଗି ନିରନ୍ତର ଉଦ୍ୟମ ସକାଶେ ପ୍ରଶଂସିତ ହୋଇଆସିଛନ୍ତି ।

ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି, ସ୍ୱରାଜ ଗଠନ, ବୀରତ୍ୱ ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ଶିବାଜୀଙ୍କର ଦୂରଦୃଷ୍ଟି ଥିଲା ଅନନ୍ୟ । ସଶକ୍ତ, ଆତ୍ମନିର୍ଭରଶୀଳ, ଉନ୍ନତ ରାଷ୍ଟ୍ର ଗଠନ ଦିରେ ନାଗରିକଙ୍କ ପାଇଁ ଶିବାଜୀ ମହାରାଜ ପ୍ରେରଣାର ଉତ୍ସ ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଶିବାଜୀ-ପୁଣେ

ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ଅବସରରେ ପୁଣେଠାରେ ଅନୁଷ୍ଠିତ ଏକ ପଦଯାତ୍ରାରେ କେନ୍ଦ୍ର ଯୁବ ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଅଂଶ ଗ୍ରହଣ କରିଛନ୍ତି । କେନ୍ଦ୍ର ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ପୁଣେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରା ସରକାରୀ ଇଞ୍ଜିନିୟରିଂ ପଡ଼ିଆରୁ ବାହାରି ଫର୍ଗୁସନ କଲେଜ ଅଭିମୁଖେ ଯାଇଥିଲା । ଏହି ଅବସରରେ ଶ୍ରୀ ମାଣ୍ଡଭ୍ୟ କହିଛନ୍ତି ଯେ, ହିନ୍ଦାଭି ସ୍ୱରାଜ ଗଠନ ଦିଗରେ ଛତ୍ରପତି ଶିବାଜୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ମହିଳାଙ୍କୁ ସମ୍ମାନ ଦେବା ସହିତ ସୁଶାସନ ଆଣିବାରେ ଶିବାଜୀ ମହାରାଜ ଯେଉଁ ପଥ ପ୍ରଦର୍ଶନ କରିଥିଲେ, ସେଥିରେ ଅନୁପ୍ରାଣିତ ହୋଇ ନରେନ୍ଦ୍ର ମୋଦୀ ସରକାର ବିକଶିତ ଭାରତ ଦିଗରେ କାର୍ଯ୍ୟ କରୁଛନ୍ତି ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି । ଶ୍ରୀ ଫଡନାଭିସ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ସରକାର ଶିବାଜୀ ମହାରାଜଙ୍କ ୧୨ଟି ପ୍ରାଚୀରକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରାଇବାକୁ ମନୋନୀତ କରିଥିଲେ । ଶିବାଜୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣତାନ୍ତ୍ରିକ

ଆଦର୍ଶ, ମହିଳାଙ୍କ ପ୍ରତି ସମ୍ମାନ, ଯୁବବର୍ଗଙ୍କୁ ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟ ପ୍ରତି ଅନୁପ୍ରାଣିତ କରାଇବା ଲକ୍ଷ୍ୟରେ ଛାତ୍ରଛାତ୍ରୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିବା ଦେଖାଦେଇଛି ।

## ଜ୍ଞାନେଶ କୁମାର

ନବନିଯୁକ୍ତ ମୁଖ୍ୟନିର୍ବାଚନ କମିଶନର ଜ୍ଞାନେଶ କୁମାର ଆଜି ନୂଆଦିଲ୍ଲୀର ନିର୍ବାଚନ ସଦନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତକାଲି ରାଜୀବ କୁମାରଙ୍କ କାର୍ଯ୍ୟକାଳ ଶେଷହେବା ପରେ ଜ୍ଞାନେଶ କୁମାରଙ୍କୁ ଏହି ପଦବୀରେ ଅବସ୍ଥାପିତ କରାଯାଇଛି । ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ କୁମାର କହିଛନ୍ତି, ଦେଶ ନିର୍ମାଣ ଲାଗି ଭୋଟିଂ ହେଉଛି ପ୍ରଥମ ପାହାଚ ଏବଂ ୧୮ ବର୍ଷ ଶେଷ କରିଥିବା ପ୍ରତ୍ୟେକ ନାଗରିକଙ୍କର ଭୋଟ ଦେବାର ଅଧିକାର ରହିଛି । ଭାରତୀୟ ସମ୍ବିଧାନର ନିୟମ ଅନୁଯାୟୀ, ନିର୍ବାଚନ କମିଶନ ସର୍ବଦା ଭୋଟରଙ୍କର ହିତରେ କାର୍ଯ୍ୟ କରିଥାନ୍ତି । ଶ୍ରୀ ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିଶନର ହେବା ପୂର୍ବରୁ ଗତବର୍ଷ ମାର୍ଚ୍ଚ ୧୫ରୁ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଅଷ୍ଟାଦଶ ଲୋକସଭା ଏବଂ ଜାମ୍ମୁକାଶ୍ମୀର, ହରିଆଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଦିଲ୍ଲୀ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଛି । ୧୯୮୮ ବ୍ୟାଚ୍‌ର କେରଳ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ କୁମାରଙ୍କ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାରେ ଅନେକ ଅଭିଜ୍ଞତା ରହିଛି । ସେ ମଧ୍ୟ ସଂସଦୀୟ ବ୍ୟାପାର ଓ ସମବାୟ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ ତୁଲାଇଛନ୍ତି ।

## ବିଜେପି -ଲେଜିସ୍‌ଲେଟିଭ୍ ପାର୍ଟି

ଦିଲ୍ଲୀ ବିଜେପିର ବିଧାୟକ ଦଳ ବୈଠକ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ବିଜେପିର ନବନିର୍ବାଚିତ ବିଧାୟକ ଓ ଦଳର ବରିଷ୍ଠ ନେତାମାନେ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ବୈଠକରେ ଚୂଡ଼ାନ୍ତ ହେବାର ଆଶା କରାଯାଉଛି । ଆସନ୍ତାକାଲି ସକାଳେ ନୂଆଦିଲ୍ଲୀର ରାମଲୀଳା ମଇଦାନରେ ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏହି ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସମେତ ୨୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ନିକଟରେ ଶେଷ ହୋଇଥିବା ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ୪୮ଟି ଆସନ ହାସଲ କରି ସରକାର ଗଢ଼ିବାକୁ ଯାଉଛି ।

## ଶିବରାଜ ସିଂ

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, କେନ୍ଦ୍ର ସରକାର ଗ୍ରାମୀଣ ଜନସାଧାରଣଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ କହିଛନ୍ତି, ଏହି ପଦକ୍ଷେପ ଦ୍ୱାରା ଦେଶର ଅର୍ଥବ୍ୟବସ୍ଥାକୁ ନୂତନ ଗତି ମିଳିପାରିଛି । ନୂଆଦିଲ୍ଲୀର ଆଫ୍ରିକୀୟ ଏସୀୟ ଗ୍ରାମୀଣ ବିକାଶ ସଂଗଠନ-ଏଏଆର୍‌ଡିଓ କାର୍ଯ୍ୟକାରୀ ସମିତିର ୭୭ତମ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି । ଆଫ୍ରିକୀୟ ଏସୀୟ ଗ୍ରାମୀଣ ବିକାଶ ସଂଗଠନର ବହୁପକ୍ଷୀୟ ପ୍ଲାଟଫର୍ମ ମାଧ୍ୟମରେ ଭାରତ ଜ୍ଞାନ, ବୈଷୟିକ

ଜ୍ଞାନକୌଶଳ ଏବଂ ସଫଳ ନୀତି ଏବଂ କାର୍ଯ୍ୟକ୍ରମ ବିନିମୟ ଜାରି ରଖିବ ବୋଲି ଶ୍ରୀ ଚୌହାନ ଆଶ୍ୱାସନା ଦେଇଛନ୍ତି । ସେ କହିଛନ୍ତି, ଏଏଆରଡିଓକୁ ନିରନ୍ତର ସମର୍ଥନ ଏବଂ ସହାୟତା ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବ ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ-ଏମ୍‌ଜିଏନ୍‌ଆରଜିଏ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା, ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ଏବଂ ଲକ୍ଷପତି ଦିଦି ଭଳି ଯୋଜନାଗୁଡ଼ିକ ଉପରେ ଆଲୋଚନା କରି ଶ୍ରୀ ଚୌହାନ କହିଛନ୍ତି, ପୂର୍ବରୁ ଭାରତ ଖାଦ୍ୟ ଉତ୍ପାଦନ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିଲା । କିନ୍ତୁ ବର୍ତ୍ତମାନ ଦେଶ ଖାଦ୍ୟ ଉତ୍ପାଦନରେ କେବଳ ସଶକ୍ତ ହୋଇନାହିଁ, ବରଂ ଅନ୍ୟ ଦେଶକୁ ସାହାଯ୍ୟ ମଧ୍ୟ କରୁଛି । ସେ କହିଛନ୍ତି, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦କୋଟି ମହିଳାଙ୍କୁ ୯୦ ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେମାନଙ୍କୁ ୫୦ ହଜାର କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶ୍ରୀ ଚୌହାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୧କୋଟି ୨୫ଲକ୍ଷରୁ ଅଧିକ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି ।

## ଜୟଶଙ୍କର

ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ଲାଗି ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆସନ୍ତାକାଲିଠାରୁ ୨ ଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଉଛନ୍ତି । ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ ବ୍ୟାପାର ଓ ସମବାୟ ମନ୍ତ୍ରୀ ରୋନାଲ୍ଡ ଲାମୋଲାଙ୍କ  ନିମନ୍ତ୍ରଣକ୍ରମେ ଶ୍ରୀ ଜୟଶଙ୍କର ଏହି ଗସ୍ତ

କରିବେ । ଜି-୨୦ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଡକ୍ଟର ଜୟଶଙ୍କରଙ୍କ ଯୋଗଦାନ ଜି-୨୦ ରାଷ୍ଟ୍ରଗୁଡ଼ିକ ସହ ଭାରତର ସଂପର୍କକୁ ସୁଦୃଢ଼ କରିବ । ଏଥିସହିତ ଏହି ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଦୃଢ଼ୀଭୂତ କରିବାରେ ଡକ୍ଟର ଜୟଶଙ୍କରଙ୍କ ଯୋଗଦାନ ବିଶେଷ ସହାୟକ ହେବ । ଏହି ପୃଷ୍ଠଭୂମିରେ ସେ ବିଭିନ୍ନ ରାଷ୍ଟ୍ରର ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଆଇ.ସି.ସି. - ଚାମ୍ପିୟନ୍ ଟ୍ରଫି

ଆଇ.ସି.ସି. ଚାମ୍ପିୟାନ୍ସ ଟ୍ରଫିର ନବମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଉଦ୍‌ଘାଟନୀ ମ୍ୟାଚ୍ ଆଜି ଅପରାହ୍ଣରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ୍ ମଧ୍ୟରେ ଅନୁଷ୍ଠିତ ହେବ । କରାଚୀଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଖେଳାଯିବ । ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀ ଦଳ ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ । ପାକିସ୍ତାନ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍‌ର ବିଭିନ୍ନ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଆସନ୍ତାମାସ ୯ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଭାରତ ସହ ବାଂଲାଦେଶ, ଆୟୋଜକ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ଗ୍ରୁପ୍ ଏ'ରେ ସାମିଲ୍ ହୋଇଥିବାବେଳେ ଗ୍ରୁପ୍ ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ରହିଛନ୍ତି । ୨୦୧୭ ମସିହାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣରେ ଭାରତକୁ ପରାସ୍ତ କରି ପାକିସ୍ତାନ ଟାଇଟଲ୍ ହାସଲ କରିଥିଲା ।